

# ‘ବାଉଁଶ କାଠି’ ପ୍ରସ୍ତୁତି ଶିଳ୍ପ

ଜଙ୍ଗଲରୁ ଜାତ ଦ୍ରବ୍ୟମାନଙ୍କ ମଧ୍ୟରେ ‘ବାଉଁଶ’ ଏକ ଗୁରୁତ୍ୱପୂର୍ଣ୍ଣ ବନଜାତ ଦ୍ରବ୍ୟ । ଏହାର ଅନେକ ପ୍ରକାରର ବ୍ୟବହାର ରହିଛି । ଗୃହ ନିର୍ମାଣଠାରୁ ଘର ସାଜସଜ୍ଜା ଇତ୍ୟାଦି ଅନେକ କ୍ଷେତ୍ରରେ ବାଉଁଶର ଆବଶ୍ୟକତା ରହିଛି । ହେଲେ ଓଡ଼ିଶାରେ ଘର ତିଆରି ସରଞ୍ଜାମ, ସ୍ଥାନୀୟଭାବେ ବାଉଁଶର ବିଭିନ୍ନ ସରଞ୍ଜାମ ତିଆରି ଏବଂ କାଗଜ ତିଆରି ବ୍ୟତୀତ ବାଉଁଶର ଅନ୍ୟ କୌଣସି ଶିଳ୍ପ ବ୍ୟବହାର ପ୍ରାୟ ନାହିଁ କହିଲେ ଚଳେ । ଆଜି ଆସନ୍ତୁ ଏହି ବାଉଁଶକୁ ନେଇ କିପରି ଗାଁର ସ୍ୱୟଂ ସହାୟକ ଦଳ, ବେରୋଜଗାରୀ ଯୁବକବନ୍ଧୁ କିମ୍ବା ସେବା ସମବାୟ ସମିତି ‘ବାଉଁଶ କାଠି’ କୁଟୀର ଶିଳ୍ପ ମାଧ୍ୟମରେ ସ୍ୱରୋଜଗାରୀ ହୋଇପାରିବେ ସେ ସଂପର୍କରେ ଆଲୋଚନା କରିବା ।

‘ବାଉଁଶ କାଠି’ ଏକ ଆବଶ୍ୟକୀୟ ଜିନିଷ । ଏହା ସାଧାରଣତଃ ବାଉଁଶର ପାତରୁ ହାତରେ ତିଆରି କରାଯାଇଥାଏ । ମୁଖ୍ୟତଃ ଧୂପକାଠି, ଆଇସ୍‌କ୍ରିମ୍ କାଠି, ଚକୋଲେଟ୍, ଝାଡୁତିଆରି ତଥା ଅନ୍ୟାନ୍ୟ ସାଜ ସରଞ୍ଜାମ ଦ୍ରବ୍ୟ ପ୍ରସ୍ତୁତିରେ ସହାୟକ ହୋଇଥାଏ । ଓଡ଼ିଶା ଭଳି ରାଜ୍ୟରେ ପ୍ରଚୁର ପରିମାଣରେ ବାଉଁଶ ମିଳିଲେ ମଧ୍ୟ ଧୂପକାଠି ତଥା ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତି ପାଇଁ ଆମକୁ ପଡୋଶୀ ରାଜ୍ୟ ମଧ୍ୟପ୍ରଦେଶ ତଥା ଅନ୍ୟ ରାଜ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ ଏବଂ ଉଚ୍ଚା ଦରରେ ସାମଗ୍ରୀ କିଣିବାକୁ ପଡ଼ିଥାଏ । ଉପରୋକ୍ତ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ କେବଳ ହାତର ସହାୟତା ନ ନେଇ ଉନ୍ନମାନର ଉତ୍ପାଦନ ନିମନ୍ତେ ମେସିନ୍‌ର ବ୍ୟବହାର କରାଯାଇପାରେ ।

**କଞ୍ଚାମାଲ** : ବାଉଁଶ ପ୍ରାୟ ପ୍ରତ୍ୟେକ ଜଙ୍ଗଲ ଅଞ୍ଚଳରେ ମିଳିଥାଏ । ଅଧିକ କଞ୍ଚାମାଲ ନିମନ୍ତେ ଜଙ୍ଗଲ ବିଭାଗ କିମ୍ବା ଘରୋଇ ଚାଷୀ ତଥା ସରକାରୀ ଗୋଲାରୁ ବାଉଁଶ ଖର୍ଦ୍ଦି କରାଯାଇଥାଏ ।

**ଉତ୍ପାଦନ ପଦ୍ଧତି** : ସଂଗୃହୀତ ବାଉଁଶଗୁଡ଼ିକୁ ଫାଳକରି ଗଣ୍ଠିଗୁଡ଼ିକୁ ପ୍ରଥମେ ଭଲ ଭାବରେ ସଫାକରାଯାଇଥାଏ ଏବଂ ଭିତର ବନ୍ଦ ଅଂଶଗୁଡ଼ିକୁ କଟାଯାଏ । ମେସିନ୍ ସାହାଯ୍ୟରେ ଆବଶ୍ୟକ । ଗୋଲେଇ ତଥା ଲମ୍ବା ଅନୁଯାୟୀ ପାତ କରାଯାଇଥାଏ ।

**ମେସିନ୍** : ଏହି କୁଟୀର ଶିଳ୍ପ ବସାଇବା ପାଇଁ ନିମ୍ନଲିଖିତ ଯନ୍ତ୍ରପାତିର ଆବଶ୍ୟକତା ରହିଛି,

- ❑ ବାଉଁଶ କ୍ରସକଟିଂ ମେସିନ୍ ସହ ୧ ଅଶ୍ୱଶକ୍ତି କ୍ଷମତା ସମ୍ପନ୍ନ ମୋଟର
- ❑ ବାଉଁଶ ପାତ ମେସିନ୍ ସହ ୩ ଅଶ୍ୱଶକ୍ତି କ୍ଷମତା ସମ୍ପନ୍ନ ମୋଟର
- ❑ କରତ, ପଲିଶ୍ ଯନ୍ତ୍ର
- ❑ ପ୍ୟାକିଂ ମେସିନ୍

**କାର୍ଯ୍ୟଦିବସ** : ଏହି ଶିଳ୍ପ ବର୍ଷକୁ ହାରାହାରି ୩୦୦ ଦିନ ଚାଲିଥାଏ ।

**ଉତ୍ପାଦିତ ସାମଗ୍ରୀ** :

- ❑ ଧୂପକାଠିର କାଠି
- ❑ ଆଇସ୍‌କ୍ରିମ୍ କାଠି
- ❑ ଝାଡୁ କାଠି
- ❑ ଚକୋଲେଟ୍ କାଠି
- ❑ ଘରୋଇ ବ୍ୟବହାର ନିମନ୍ତେ ଚାମଚ / ରୋଷେଇ ଉପକରଣ
- ❑ ଦାନ୍ତ ଖୁଞ୍ଚା କାଠି
- ❑ ସଂଖ୍ୟା ଗଣତି ନିମନ୍ତେ କାଠି

**ବିକ୍ରି** : ଏହି ବାଉଁଶ କାଠି ନିକଟସ୍ଥ ଧୂପକାଠି ତିଆରି ଦଳ ବା କମ୍ପାନୀ, ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରି, ଝାଡୁ ନିର୍ମାଣ ସଂସ୍ଥା, ଚକୋଲେଟ କମ୍ପାନୀ ତଥା ହୋଟେଲମାନଙ୍କୁ ଖୁଚୁରାରେ କିମ୍ବା ହୋଲସେଲ୍‌ରମାନଙ୍କ ଜରିଆରେ ବିକ୍ରି କରାଯାଇପାରେ ।

**ବିଦ୍ୟୁତ୍‌ଶକ୍ତି**: ଏହି ୟୁନିଟ୍ ଚଳାଇବା ପାଇଁ ବିଦ୍ୟୁତ୍‌ଶକ୍ତିର ଆବଶ୍ୟକତା ରହିଛି ।

**ପୁଞ୍ଜିବିନିଯୋଗ**: ଏହି ଶିଳ୍ପ ଚଳାଇବା ପାଇଁ ଉଦ୍ୟୋଗୀଙ୍କୁ ହାରାହାରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ଲଗାଇବାକୁ ପଡିଥାଏ । ଯଦି ନିଜେ ପୁଞ୍ଜି ସଂଗ୍ରହ କରିନପାରନ୍ତି ତେବେ ନିକଟସ୍ଥ ଜାତୀୟକରଣ ବ୍ୟାଙ୍କର ଶାଖା ପରିଚାଳକ, ଖଦୀ କମିଶନ୍, ଖଦୀବୋର୍ଡ୍, ରାଜ୍ୟ ଅର୍ଥ ନିଗମ, ଆଦିବାସୀ ହରିଜନ ଉନ୍ନୟନ ଅର୍ଥ ନିଗମର ଜିଲ୍ଲା ପରିଚାଳକଙ୍କ ସହ ଆର୍ଥିକ ସହାୟତା ପାଇଁ ଯୋଗାଯୋଗ କରିପାରିବେ । ଏହି ସହାୟତା ବିଭିନ୍ନ ଯୋଜନା ଅଧୀନରେ ମିଳିପାରିଥାଏ ।

**ଲାଭାଂଶ** : ଏହି ଶିଳ୍ପରେ ଶତକଡା ୩୦ରୁ ଊର୍ଦ୍ଧ୍ୱ ଲାଭ ହେବାର ସମ୍ଭାବନା ରହିଛି ।

ଗୋଟିଏ ‘ବାଉଁଶ କାଠି’ ଉଦ୍ୟୋଗର ଲାଭ/ କ୍ଷତି ହିସାବ :

**୧. ଶିଳ୍ପ ସ୍ଥାପନ କରିବା ସ୍ଥାନ** : ପ୍ରାୟ ୧୦୦୦ ବର୍ଗ ଫୁଟ ପରିମିତ ଜାଗା ଭଡା ସୂତ୍ରରେ କିମ୍ବା ଉଦ୍ୟୋଗୀ ନିଜ ତରଫରୁ ବ୍ୟବସ୍ଥା କରିପାରିଲେ ଭଲ । ଏହାର ମାସିକ ଭଡା ହାରାହାରି ଟ. ୧୦୦୦.୦୦ ଦେବାକୁ ପଡିବ।